# Akashvani, Sambalpur

## SAMBALPURI NEWS BULLETIN

### 14 May 2025- 6.47- 6.52 am.

*********************************************

ବୈଦେଶିକ ମନ୍ତ୍ରଣାଳୟ ସୂଚ୍ନା          ପିଆଇବି/ଏକ୍ସ

ପାକିସ୍ତାନ ଅଧିକୃତ୍ କଶ୍ମୀର ବିଷେଥି ହିଁ ଖାଲି ପାକିସ୍ତାନ ସାଙ୍ଗେ କଥାବାର୍ତା କରାଯିବା ବଲି ଭାରତ୍ ତର୍ଫୁ ସ୍ପଷ୍ଟ କରାଯାଇଛେ । ନୂଆଦିଲ୍ଲୀଠାନେ ଗଲାକାଏଲ୍ ବୈଦେଶିକ୍ ମନ୍ତ୍ରଣାଲୟ ମୁଖପାତ୍ର ରଣଧିର ଜୟସ୍ୱାଲ୍ ଗଣମାଧମ୍କେ ଇଟା କହିଛନ୍ । ସେ କହିଛନ୍, ଇ ଇଲାକାକେ ପାକିସ୍ତାନ ବେଆଇନ୍ ଭାବେ ନିଜର୍ ଅଧିନ୍‌ଥି ରଖିଛେ । ଆଉ ଇ ପ୍ରସଙ୍ଗ ଥି ଦୁହି ଦେଶ୍ ଭିତ୍ରେ ଦ୍ୱିପାକ୍ଷିକ୍ ଆଲୋଚେନା କରାଯିବା । ଇଥି କେନ୍‌ସି ପ୍ରକାର୍ ମଧସ୍ଥିର୍ ଦରକାର ନାଇଁନ ବଲି ଶ୍ରୀ ଜୟସ୍ୱାଲ୍ ସ୍ପଷ୍ଟ କରିଛନ୍ ।

(ଭଏସ୍-----ରଣଧିର ଜୟସ୍ୱାଲ୍)

ସୁରକ୍ଷା ସମ୍ପର୍କିତ୍ କ୍ୟାବିନେଟ୍ ବୈଠକ୍‌ର ନିଷ୍ପତି ଅନ୍‌ସାରେ ଇହାଦେର୍ ଥିତି ଥି ଭିଲ୍ ସିନ୍ଧୁ ଜଲ୍ ଚୁକ୍ତିନାମାକେ ସ୍ଥଗିତ୍ ରଖାଯାଇଛେ ବଲି ଶ୍ରୀ ଜୟସ୍ୱାଲ୍ କହିଛନ୍ ।

ଯକ୍ଷ୍ମା ଅଭିଯାନ୍-ପ୍ରଧାନମନ୍ତ୍ରୀ ସମୀକ୍ଷା ପିଆଇବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଯକ୍ଷ୍ମା ମୁକ୍ତ ଭାରତ୍ ଅଭିଯାନ୍‌ର ଥିତି ଆଉ ଅଗ୍ରଗତିର୍ ସମୀକ୍ଷା କରିଛନ୍ । କମ୍ ଖର୍ଚ୍ଚାଥି ଯକ୍ଷ୍ମା ରୋଗୀଙ୍କର ଚିକିତ୍ସା ଆଉ ଜଲ୍‌ଦି ଉପଶମ୍ ଦିଗେ ଭାରତର୍ ଯକ୍ଷ୍ମା ଦୂରୀକରଣ ରଣକୌଶଲ୍‌କେ ପ୍ରଧାନମନ୍ତ୍ରୀ ପ୍ରଶଂସା କର୍‌ବାର୍ ସହେତେ ଦେଶେ ଶହେ ଦିନିଆ ଯକ୍ଷ୍ମା ମୁକ୍ତ୍ ଭାରତ୍ ଅଭିଯାନ୍‌କେ ତୁର୍‌ତି କରି କରି ସମ୍ପ୍ରସାରଣ୍ କର୍‌ବାର ଲାଗି ପରାମର୍ଶ ଦେଇଛନ୍ ।
ବୈଠକ୍‌ଥି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡାଙ୍କ ସହେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପ୍ରଧାନ ବିଚାରପତି ଶପଥ ନେବେ ଏକ୍ସ

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବାଇ ଆଏଜ୍ ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀନ ଜଷ୍ଟିସ୍ ଗବାଇଙ୍କୁ ଶପଥ୍ ପାଠ୍ କରାବେ । ଗଲାକାଏଲ୍ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କର କାର୍ଯ୍ୟକାଲ ଶେଷ୍ ହେଇଥିବାର୍‌ନୁ ଆଏଜ୍ ନୂଆ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ଗବାଇ ଦାୟିତ୍ୱ ଗ୍ରହଣ କର୍‌ବେ ।

ରାଜ୍ୟ କ୍ୟାବିନେଟ୍ ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ବସ୍‌ବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାଥି ଉପରବେଲା ୫ ବଜେ ବୈଠକ୍ ବସ୍‌ବା । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇକରି ମଞ୍ଜୁରୀ ମିଳିପାରେ ।

ଶିକ୍ଷକ୍ ବଦ୍‌ଲି ସୁପାରିସ୍ ଆର୍ଏନ୍ୟୁ/ ସମ୍ବଲପୁର

ଅତି ଦର୍‌କାରୀ ଥିତିନ ନିଜର୍ ନିଜର୍ ନିର୍ବାଚନ ମଣ୍ଡଳୀର୍ ୧୫ ଝନ୍ ପ୍ରାଥମିକ ଆଉ ମାଧ୍ୟମିକ୍ ଶିକ୍ଷକମାନଙ୍କର ବଦ୍‌ଲି ଲାଗି ପ୍ରସ୍ତାବ୍ ଦେବାର୍‌କେ ରାଜ୍ୟ ସରକାର ସାଂସଦ୍ ଆଉ ବିଧାୟକ୍‌ମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ମେ ୧୫ ତାରିଖ୍‌ନୁ ଜୁନ୍ ୧୫ ତାରିଖ୍ ତକ୍ ଜିଲ୍ଲାପାଲ୍‌ମାନଙ୍କର୍ ପାଖେ ପ୍ରସ୍ତାବ ଦାଖଲ କରାଯାଇପାର୍‌ବା । ବଦ୍‌ଲି ଖାଲି ଜିଲ୍ଲା ଭିତ୍‌ରେ ହିଁ କରାଯାଇ ପାର୍‌ବା ଆଉ ଗାଁ ଇଲାକାନୁ ସହରୀ ଇଲାକାକେ ନାଇଁ କରାଯାଇ ପାରେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି ସୂଚ୍‌ନା ଦିଆଯାଇଛେ ।

ନାର୍କୋଟିକ୍ସ ବୈଠକ I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକସେବା ଭବନ୍‌ଠାନେ କେନ୍ଦ୍ର ସରକାରଙ୍କର ନିଶା ଦରବ୍ ନିରୋଧି ସମନ୍ୱୟ କେନ୍ଦ୍ରର ୫ ନମ୍ବର ରାଜ୍ୟସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଏଜେ ନିଶା ଦରବ୍ କାର୍‌ବାର, ଚୋରାଚାଲାଣ୍‌ର ଥିତି, ନଷ୍ଟ କରାଯାଇଥିବା ନିଶା ଦରବ୍, ରାଜ୍ୟକେ ନାର୍କୋଟିକ୍ସ କଂଟ୍ରୋଲ୍ ବ୍ୟୁରୋର  ସାହାଜ୍ ସହେତ ନିଶାମୁକ୍ତ ଭାରତ ନେଇକରି କେନ୍ଦ୍ର ସରକାରଙ୍କର ଆହ୍ୱାନ୍‌କେ ପୂରା କର୍‌ବାର୍ ଲାଗି ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ସେନ୍ତା ବେଆଇନ ଗଞ୍ଜେଇ ଚାଷ୍‌ନୁ ଦୂରେ ରହିକରି ଅଲ୍‌ଗା ଜୀବିକା ଅପ୍‌ନାବାର୍ ଲାଗି ଲୁକ୍‌କୁ ଉହଁକାବାର୍‌କେ ବୈଠକ୍‌ଥି ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛେ ।

ରାଜସ୍ୱ ମନ୍ତ୍ରୀ-ଜାତି ପ୍ରମାଣପତ୍ର        ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତିଗତ୍ ପ୍ରମାଣପତ୍ର ପାଏବାର୍ ଲାଗି ଏତ୍‌କର ଜମି ପଟ୍ଟା ଦରକାର ନାଇପଡ଼େ । ଜରୁରୀ ହେଲେ ବିନା ପଟ୍ଟାଥି ତହସିଲ୍‌ଦାର୍‌ମାନେ ହିତାଧିକାରୀମାନଙ୍କୁ ଇଟା ଦେଇପାର୍‌ବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ସେନ୍ତା ଜଙ୍ଗଲ ଜମିଥି ଜବର୍‌ଦଖଲ କରି କରି

ରହୁଥିବା ଭୂମିହୀନମାନେ ଭିଲ୍ ଜମି ପଟ୍ଟା ପାଏବାର୍ ଲାଗି ଯୋଗ୍ୟ । ସେମାନଙ୍କୁ ପହେଲା ଜମି ପଟ୍ଟା ଦେବାର୍ ସହେତେ ଜାତିଗତ୍ ପ୍ରମାଣପତ୍ର ଦେବାର୍ ଲାଗି ତହସିଲ୍‌ଦାର୍‌ମାନେ ପଦକ୍ଷେପ୍ ନେବେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ସମ୍ବଲପୁର ଧାନ୍‌ଘିନା            ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଜିଲ୍ଲାନ ଆଏଜ୍‌ଠାନୁ ଡାଲୁଆ ଧାନ ଘିନା ମୁଲ୍ ହେବା । ଜିଲ୍ଲା ପ୍ରଶାସନ୍‌ର ସୂଚ୍‌ନା ଅନ୍‌ସାରେ ଇ ବଛର୍ ୧୦ଟା ମହିଲା ସ୍ୱୟଂ ସହାୟକ୍ ଗୋଷ୍ଠୀ ସହେତେ ୩୨ଟା ପ୍ରାଥମିକ କୃଷି ସମବାୟ ସମିତି/ ବୃହତ୍ ଅଂଚଲ୍ ବହୁମୁଖୀ ସମିତି ଭାଗ୍ ନେବେ । ୫୮ଟା ଧାନ୍ ଘିନା କେନ୍ଦ୍ର ଧାନ୍ ଘିନା ଯିବା । ଧାନ୍ ବିକ୍‌ବାର୍ ଲାଗି ଇ ଖେଡ୍ଢେ ୧୬ ହଜାରନୁ ଅଏତ୍‌କା ଚାଷୀ ପଞ୍ଜିକୃତ୍ ହେଇଛନ୍ । ପ୍ରଶାସନ୍ ତର୍‌ଫୁ ଇଥିର୍ ଲାଗି ସବୁ ପ୍ରସ୍ତୁତି ଶେଷ୍ ହେଇଥିବା ସୂଚ୍‌ନା ଦିଆଯାଇଛେ ।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା            ଆର୍‌ଏନ୍‌ୟୁ/ ସମ୍ବଲପୁର

ବିହାର୍‌ଠାନେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ଥି ଗଲାକାଏଲ୍ ଓଡ଼ିଶାକେ ଦୁଇଟା ସ୍ୱର୍ଣ୍ଣ ପଦକ୍ ମିଳିଛେ । ଏଥ୍‌ଲେଟିକ୍ସଥି

ଶର୍ଟ ପୁଟ୍ ବର୍ଗଥି ଓମ୍‌କାର ନନ୍ଦ ସ୍ୱର୍ଣ୍ଣ ପଦକ୍ ଗିତିଥିଲା ବେଲେ ଓଡ଼ିଶା ବାଳିକା ହକି ଦଲ୍ ଭିଲ୍ ସ୍ୱର୍ଣ୍ଣ ପଦକ୍ ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, ବଲାଙ୍ଗୀର୍ ସହେତେ ରାଜ୍ୟର୍ ୧୮ ଟା ଜିଲ୍ଲାନ ଘଡ଼ଘଡ଼ି ସହେତେ ହାଲ୍‌କା ବର୍ଷା ହେଇପାରେ । ବଲାଙ୍ଗୀର ସହେତେ କିଛିଟାଁ ଜାଗାନ ଜବର ଧୁକାଗର୍ଡି, ବର୍ଷା ଆଉ କିଛିଟା ଜାଗାନ ଜବର୍ ଖରା ଗରମ୍ ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ କରିଛେ । ସେଆଡ଼େ ଗଲାକାଏଲ୍ ରାଜ୍ୟର୍ ୧୧ଟା ସହର୍‌ନ ଦିନର୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ଝାରସୁଗୁଡ଼ାନ ତାପମାତ୍ରା ସବୁନୁ ଜହ ୪୩ ଡିଗ୍ରୀ ସେଲ୍‌ସିୟମ୍ ରେକର୍ଡ କରାଯାଇଥିଲା ।